ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଢେଙ୍କାନାଳ
ପତ୍ରସଂଖ୍ୟା. ୯୬୦ / ସୂ.ଲୋ.ସଂ., ତା. ୦୨/୧୦/୨୦୧୮
e-mail- dkl.dipro@gmail.com
ଦୂରଭାଷ- (୦୬୭୬୨)-୨୨୪୪୧୪

# ଢେଙ୍କାନାଳରେ ୧୫୦ତମ ଗାନ୍ଧି ଜୟନ୍ତୀ ସମାରୋହ ପାଳିତ

ଢେଙ୍କାନାଳ, ତା-୦୨.୧୦.୨୦୧୮ରିଖ- ଢେଙ୍କାନାଳ ସଦର ମହକୁମାରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ବିଭାଗ ମିଳିତ ଆନୁକୁଲ୍ୟରେ ୧୫୦ତମ ଗାନ୍ଧି ଜୟନ୍ତୀ ମହା ସମାରୋହରେ ପାଳିତ ହୋଇଯାଇଛି ।

ପ୍ରତ୍ୟୁଷ ଘ.୪.୩୦ମି. ସମୟରେ ଢେଙ୍କାନାଳ ପୌରାଞ୍ଚଳରେ ଜିଲ୍ଲା ସୂଚନା ଓ ଲୋକସଂପର୍କ ବିଭାଗ ଦ୍ୱାରା ରାମଧୂନ ପରିବେଷଣ କରାଯାଇଥିଲା । ସକାଳ ୬ଘଣ୍ଟା ସମୟରେ ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସହରସାରା ପ୍ରଭାତଫେରୀ ଅନୁଷ୍ଠିତ ହୋଇଥିଲା । ଛାତ୍ରଛାତ୍ରୀମାନେ "ମହାତ୍ମା ଗାନ୍ଧିକି ଜୟ", "ବାପୁଜୀ ଅମର ରହେ", ଇତ୍ୟାଦି ସ୍ଲୋଗାନ୍ ଦେଇ ସହର ପରିକ୍ରମା କରିଥିଲେ । ସକାଳ ୬ଘ.୩୦ମି. ସମୟରେ ବସଷ୍ଟାଣ୍ଡ ପାଖ ମହାତ୍ମା ଗାନ୍ଧିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ମାର୍ଲ୍ୟାର୍ପଣରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ନରୋତ୍ତମ ବେହେରା, ଉପଜିଲ୍ଲାପାଳ, ଢେଙ୍କାନାଳ ସଦର ଶ୍ରୀ ପିତାମ୍ବର ସାମଲ, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଶ୍ରୀ ହେମନ୍ତ କୁମାର ନାୟକ, ପୌରପାଳିକା ନିର୍ବାହୀ ଅଧିକାରୀ ଶ୍ରୀ ଅତନୁ କୁମାର ସାମନ୍ତ, ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ହରିହର ପଣ୍ଡୁଆତି, ପୂର୍ବତନ ନଗରପାଳ ଶ୍ରୀ ଇନ୍ଦ୍ରମଣି ବେହେରା, ଉତ୍କଳ ସମ୍ମିଳନୀର କେନ୍ଦ୍ରୀୟ ସଭାପତି ଶ୍ରୀ ବସନ୍ତ କୁମାର ତ୍ରିପାଠୀ, ଅବସରପ୍ରାପ୍ତ ମହାବିଦ୍ୟାଳୟ ଅଧ୍ୟକ୍ଷ ଶ୍ରୀ ହରେକୃଷ୍ଣ କର, ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ, ଶିକ୍ଷକ ଓ ଶିକ୍ଷୟିତ୍ରୀବୃନ୍ଦ ଓ ଛାତ୍ରଛାତ୍ରୀମାନେ ଅଂଶ ଗ୍ରହଣ କରିଥିଲେ ।

ସକାଳ ୮ଘଟିକା ସମୟରେ ଢେଙ୍କାନାଳ ସୂଚନା କେନ୍ଦ୍ର ପରିସରରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ପ୍ରାରମ୍ଭରେ ଅତିଥିଗଣ ମହାତ୍ମା ଗାନ୍ଧି, ଲାଲବାହାଦୁର ସାସ୍ତ୍ରୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଓ ପୁଷ୍ପ ପ୍ରଦାନ ପରେ ସର୍ବଧର୍ମ ପ୍ରାର୍ଥନା ଅନୁଷ୍ଠିତ ହୋଇଥିଲା । ପ୍ରଥମେ ଡ଼. ଅନୁପମା ମିଶ୍ର ଗୀତା ପାଠ କରିବାପରେ କୋରାନ୍ ନଜରୁଲ ଇସଲାମ ପାଠ କରିଥିଲେ । ଶ୍ରୀ ସରୋଜ କୁମାର ସିଂ ବାଇବେଲ ପାଠ କରିଥିଲେ । ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଶ୍ରୀ ହେମନ୍ତ କୁମାର ନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ସଭାରେ ମୁଖ୍ୟ ଅତିଥି ଭାରପ୍ରାପ୍ତ ଜିଲ୍ଲାପାଳ ତଥା ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ନରୋତ୍ତମ ବେହେରା ମାଧ୍ୟମିକ ଓ ଉଚ୍ଚ ବିଦ୍ୟାଳୟ ସ୍ତରରେ ହୋଇଥିବା ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର, ଟ୍ରଫି ଓ ପୁସ୍ତକ ପ୍ରଦାନ କରି ପୁରସ୍କୃତ କରିଥିଲେ । ମାଧ୍ୟମିକ ସ୍ତରରେ ମଙ୍ଗଳପୁର ପ୍ରାଥମିକ ବିଦ୍ୟାଳୟର ବିଷ୍ଣୁପ୍ରିୟା ବରାଳ ପ୍ରଥମ ଓ ସୁଚିସ୍ମିତା ପରିଡ଼ା ଦ୍ୱିତୀୟ ଏବଂ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବୈଭବୀ ମିଶ୍ର ଓ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ରୁନୀତା ମିଶ୍ର ଯୁଗ୍ମ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ । ସେହିପରି ଉଚ୍ଚ

(ଅ.ପୃ.ଦେ)

ବିଦ୍ୟାଳୟ ସ୍ତରରେ ବ୍ରଜନାଥ ବଡ଼ଜେନା ଉଚ୍ଚ ବିଦ୍ୟାଳୟର ପୂଜାରାଣୀ କର ପ୍ରଥମ, ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଦୀପଶିଖା ପ୍ରିୟଦର୍ଶନୀ ଦ୍ୱିତୀୟ ଓ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରୀତିଛନ୍ଦା ପୃଷ୍ଟି ତୃତୀୟ ସ୍ଥାନ ଗ୍ରହଣ କରି ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ। ମୁଖ୍ୟ ଅତିଥି ଶ୍ରୀ ବେହେରା ତାଙ୍କ ବକ୍ତବ୍ୟରେ ଗାନ୍ଧିଙ୍କ ଅବଦାନ ଓ ବଳିଦାନ ଯୋଗୁଁ ଆମଦେଶ ସ୍ୱାଧୀନ ହେବାସହ ଆମେ ସ୍ୱାଧୀନ ଭାରତର ନାଗରିକଭାବେ ନିଜକୁ ଗର୍ବ ଅନୁଭବ କରୁଛୁ। ତାଙ୍କ ଆଦର୍ଶ "ଅହିଂସା ପରମ ଧର୍ମ" ରେ ସମସ୍ତେ ଅନୁପ୍ରାଣୀତ ହେଲେ ଭାରତବର୍ଷ ବିଶ୍ୱର ଏକ ନମ୍ବର ଦେଶଭାବେ ପରିଗଣିତ ହୋଇପାରିବ, ଏଥିରେ ତିଳେମାତ୍ର ସନ୍ଦେହର ଅବକାଶ ନାହିଁ ବୋଲି କହିଥିଲେ। ସାଧାରଣ ସଭାରେ ସମ୍ମାନିତ ବକ୍ତା ମହିମା ମହାବିଦ୍ୟାଳୟ, ଯୋରନ୍ଦାର ଇତିହାସ ବିଭାଗ ବରିଷ୍ଠ ଅଧ୍ୟାପକ ଶ୍ରୀ ପ୍ରଦୀପ୍ତ କୁମାର ଦାସ ଗାନ୍ଧିଙ୍କ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଏକ ଲମ୍ବା ସାରଗର୍ଭକ ଅଭିଭାଷଣ ପ୍ରଦାନ କରିଥିଲେ। ଜାତିର ଜନକ ମୋହନଦାସ କରମଚାନ୍ଦ ଗାନ୍ଧି ବା ମହାତ୍ମା ଗାନ୍ଧିଙ୍କ ଜୀବନ ବୃତ୍ତାନ୍ତ ଆଜିର ସମସ୍ତ ଛାତ୍ରଛାତ୍ରୀଙ୍କ ଧେୟ ହେଉ ବୋଲି ଶ୍ରୀ ଦାସ କାମନା କରିବା ସହ ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଢେଙ୍କାନାଳ ପୌରପାଳିକାର ନିର୍ବାହୀ ଅଧିକାରୀ ଶ୍ରୀ ଅତନୁ କୁମାର ସାମନ୍ତ ଏହି ସାଧାରଣ ସଭାରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗାନ୍ଧିଙ୍କ ବଳିଷ୍ଠ ନେତୃତ୍ୱ ଓ ପରାକାଷ୍ଠା ଭାରତ ସ୍ୱାଧୀନ ହେବାର ପୂର୍ଣ୍ଣ ସହାୟକ ହୋଇଛି। ବିଦେଶୀ ଶାସନ କବଳରୁ ଆମ୍ଭେ ମୁକ୍ତ ହେବା ସହ ଏକ ବୃହତ୍ ଗଣତନ୍ତ୍ର ଶାସନ ଗଠନ କରିପାରିଛୁ ବୋଲି ଶ୍ରୀ ସାମନ୍ତ ପ୍ରକାଶ କରିଥିଲେ। ଗାନ୍ଧି ଜୟନ୍ତୀ ସମାରୋହର ମୁଖ୍ୟବକ୍ତା ତଥା ଅବସରପ୍ରାପ୍ତ ଅଧ୍ୟକ୍ଷ ଶ୍ରୀ ହରେକୃଷ୍ଣ କର ଗାନ୍ଧି କିପରି ଜଣେ ସାଧାରଣ ବ୍ୟକ୍ତିରୁ ମହାତ୍ମା ହେଲେ, ଜଣେ ସ୍ୱଳ୍ପ ବସ୍ତ୍ର ପରିହିତ ମଣିଷରୁ ଜନପ୍ରିୟ ଜାତିର ଜନକ ହୋଇପାରିଲେ ସେ ସଂପର୍କରେ ନିଜର ଦୃଢ଼ ଯୁକ୍ତି ଉପସ୍ଥାପନ କରିଥିଲେ। ତାଙ୍କୁ ଭାରତରତ୍ନ ଉପାଧିରେ ଭୂଷିତ ନକରାଯିବାର କାରଣ ସେ ତାଠାରୁ ଉଚ୍ଚରେ ବୋଲି ଅଭିହିତ କରିଥିଲେ। ଭାରତୀୟମାନେ ଗାନ୍ଧିଙ୍କୁ ଭଲପାଇବାର କେତେକ ଦୃଷ୍ଟାନ୍ତ ସେ ଏହି ସାଧାରଣ ସଭାରେ ଉପସ୍ଥାପନ କରିଥିଲେ। ଆଜିର ଯୁବପିଢ଼ୀ ତାଙ୍କ ଆଦର୍ଶରେ ଅନୁପ୍ରାଣୀତ ହେବାକୁ ସେ ଆହ୍ୱାନ ଦେଇଥିଲେ। ଶେଷରେ ମଙ୍ଗଳପୁର ପ୍ରାଥମିକ ବିଦ୍ୟାଳୟର ଚତୁର୍ଥ ଶ୍ରେଣୀ ଛାତ୍ରୀ ବିଷ୍ଣୁପ୍ରିୟା ବରାଳ ଗାନ୍ଧିଙ୍କ ବିଷୟରେ ବକ୍ତୃତା ପ୍ରଦାନ କରି ଉପସ୍ଥିତ ଜନସାଧାରଣଙ୍କୁ ଚକିତ କରାଇବା ସହ ସଭାରେ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ପ୍ରେରଣା ପ୍ରଦାନ କରିଥିଲା।

ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଶ୍ରୀ ହେମନ୍ତ କୁମାର ନାୟକ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ ସହ ଗାନ୍ଧିଙ୍କ ୧୫୦ତମ ଜୟନ୍ତୀ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ଜିଲ୍ଲାରେ ପଞ୍ଚାୟତସ୍ତରରୁ ଜିଲ୍ଲାସ୍ତର ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ଆଗାମୀ ଦିନରେ ପାଳନ କରାଯିବ ବୋଲି ଘୋଷଣା କରିଥିଲେ। ଏହି ସାଧାରଣ ସଭାରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଗଣମାଧ୍ୟମ ପ୍ରତିନିଧି, ପୂର୍ବତନ ନଗରପାଳ ଶ୍ରୀ ସୁଧାଂଶୁ କୁମାର ଦଳେଇ, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ବିଭାଗର କର୍ମଚାରୀବୃନ୍ଦ ଓ ବହୁମାନ୍ୟଗଣ୍ୟ ବ୍ୟକ୍ତି ଓ ସୁଧୀବୃନ୍ଦ ଉପସ୍ଥିତ ଥିଲେ।

---------------------------- ହେମନ୍ତ କୁମାର ନାୟକ ୦୨/୧୦/୨୦୧୮

ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ,

ଢେଙ୍କାନାଳ

ଏହାର ଏକକିତା ନକଲ ସଂପୃକ୍ତ ଗଣମାଧ୍ୟମର ପ୍ରତିନିଧି ମାନଙ୍କ ଅବଗତି ଓ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା।